# Akashvani, Sambalpur

## SAMBALPURI NEWS EVENING BULLETIN

## 8 April 2024- 7.02 pm- 7.12 pm.

*********************************************

୧- ଯୁଆନ୍ ପିଢ଼ିର୍ ପ୍ରତିଭା ଆର୍ ସଂଶାଧନ୍‌କେ ବେଭାର୍ କରିକରି ଭାରତ୍‌କେ ବିଶ୍ୱ ଅର୍ଥନୀତିର୍ ଶିଘ୍‌କେ ପୁହୁଁଚାବାର୍ ଲାଗି -ଆହ୍ୱାନ୍ ଦେଲେ ରାଜ୍ୟପାଲ୍ ।

୨- ନିର୍ବାଚନ୍ ଖର୍ଚ୍ଚ ପରିଚାଳନା ବାବ୍‌ଦେ ରାଜ୍ୟର୍ ସବୁ ପ୍ରବର୍ତନ୍ ସଂସ୍ଥାମାନ୍‌କର୍ ସାଙ୍ଗେ ବୈଠକ୍ କଲେ ସ୍ୱତନ୍ତ୍ର ବ୍ୟୟ ପର୍ଯ୍ୟବେକ୍ଷକ ।

୩- ବିଜ୍‌ଲି ଭିତିଭୂମିକେ ବର୍‌କସ୍ କର୍‌ବାର୍ ଲାଗି ପଶ୍ଚିମ ଓଡ଼ିଶାର୍ ୯ ଟା ଜିଲ୍ଲା ନ ହେବା ୯ ଶହ ଟା ବିଦ୍ୟୁତ୍ ସେବା କେନ୍ଦ୍ର ।

ଆଉର୍

୪- ରାଜ୍ୟର୍ ଜିଲ୍ଲା ଆର୍ ନିମ୍ନ ଅଦାଲତ୍‌ମାନ୍‌କେ ଆଏଜ୍‌ଠାନୁ ମୁଲ୍ ହେଲା ସକାଲୁଆ କୋର୍ଟ କାମ୍ ।

# ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଳୟ-ସମାବର୍ତ୍ତନ୍ ଉତ୍ସବ୍

ସମ୍ବଲପୁର୍ ସମ୍ବାଦଦାତା

ୟୁଆନ୍ ପିଢ଼ିର୍ ପ୍ରତିଭା ଆର୍ ସଂଶାଧନ୍‌କେ ଅଏତ୍‌କା ନୁ ଅଏତ୍‌କା ବେଭାର୍ କରିକରି ଭାରତ୍‌କେ ବିଶ୍ୱ ଅର୍ଥନୀତିହ ଶିଘ୍‌କେ ପୁହୁଁଚାବାର୍ ଲାଗି ଛାତ୍ରଶକ୍ତିକେ ରାଜ୍ୟପାଲ୍ ରଘୁବର୍ ଦାସ ଆହ୍ୱାନ୍ ଦେଇଛନ୍ । ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଳୟର୍ ୩୩ ନମ୍ବର୍ ସମାବର୍ତ୍ତନ୍ ଉତ୍ସବ୍‌ଥି ଯୋଗ୍ ଦେଇକରି ରାଜ୍ୟପାଲ୍ କହିଛନ୍ ଯେ, ଛାତ୍ରଜୀବନ୍‌ର ଅଭ୍ୟାସ୍ ଜୀବନ୍‌ଭର୍ ରହିଥିସି । ଛାତ୍ରଛାତ୍ରୀମାନେ ଅନୁଶାସନ୍‌ଥି ରହେବାର୍‌ଟା ଶିଖ୍‌ବାର୍ ଦର୍‌କାର୍ ଆଏ । ସମୃଦ୍ଧ ଇତିହାସ୍ ଆଉ ପ୍ରାଚୀନ୍ ଜ୍ଞାନ୍‌କେ ନେଇକରି ଜାତୀୟ ଶିକ୍ଷାନୀତି - ୨୦୨୦ ତିଆର୍ କରାଯାଇଛେ ବଲି ରାଜ୍ୟପାଲ୍ ତାଁକର୍ ଅଭିଭାଷଣ୍‌ଥି କହିଛନ୍ । ଇ ଅବ୍‌ସରେ ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଳୟ ତର୍‌ଫୁ ୨ ଝନ୍‌କୁ ଡିଲିଟ୍, ୭୮ ଝନ୍‌କୁ ପିଏଚ୍‌ଡି ଡିଗ୍ରୀ ଆର୍ ୫୬ ଝନ୍‌କୁ ସ୍ୱର୍ଣ୍ଣପଦକ୍ ପ୍ରଦାନ୍ କରାଯାଇଥିଲା । କାର୍ଯ୍ୟକ୍ରମଥି ଉନଆଁ ମାନ୍‌କର୍ ଭିତ୍‌ରେ ଭୁବ୍‌ନେଶ୍ୱର୍ ସିଏସ୍‌ଆଇଆର୍- ଆଇଏମ୍‌ଏମ୍‌ଟି ର ନିର୍ଦ୍ଦେଶକ୍ ଡକ୍ଟର୍ ରାମାନୁଜ ନାରାୟଣ୍ ସମ୍ମାନିତ ଅତିଥି ଆର୍ କୋରାପୁଟ୍ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର୍ କୁଳପତି ପ୍ରଫେସର୍ ଚକ୍ରଧର ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗ୍ ଦେଇଥିଲେ ।

ପ୍ରବର୍ତନ୍ ସଂସ୍ଥା ବୈଠକ୍        ପ୍ରେସ୍ ରିଲିଜ୍

ରାଜ୍ୟର୍ ସବୁ ପ୍ରବର୍ତନ୍ ସଂସ୍ଥାମାନ୍‌କୁ ନେଇକରି ଆଏଜ୍ ଭୁବ୍‌ନେଶ୍ୱର୍ ନ ନିର୍ବାଚନ ଖର୍ଚ୍ଚ ପରିଚାଲନା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ନିର୍ବାଚନ ଆୟୋଗ୍‌ଙ୍କର୍ ତର୍‌ଫୁ ଓଡ଼ିଶା ଲାଗି ନିୟୋଜିତ ହେଇଥିବା ସ୍ୱତନ୍ତ୍ର ବ୍ୟୟ ପର୍ଯ୍ୟବେକ୍ଷକ ହିମାଳିନୀ କଶ୍ୟପ୍ ଯୋଗ୍ ଦେଇଥିଲେ । ସେ ମୁକ୍ତ, ସ୍ୱଚ୍ଛ, ଅବାଧ ଆର୍ ନିରପେକ୍ଷ ନିର୍ବାଚନ ପରିଚାଲନାର ଭିନ୍ ଭିନ୍ ଦିଗ୍ ଉପରେ ଆଲୋଚନା କରିଥିଲେ । ଇତାର୍‌ସହେତେ ବୈଠକ୍‌ଥି ମୁଖ୍ୟ ନିର୍ବାଚନ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସ୍ୱଚ୍ଛତା ଆଉ ନିରପେକ୍ଷତା ବଜାୟ ରଖିବାର୍ ଲାଗି ସବୁ ପ୍ରବର୍ତନ୍ ସଂସ୍ଥାର ଗୁରୁଦାୟିତ୍ୱ ଉପ୍‌ରେ ଜୋର୍ ଦେଇଥିଲେ । ରାଏଜେ ନିର୍ବାଚନ୍ ସମିଆଥି ଅନୈତିକ ଭାବେ ବେଭାର୍ ହେଉଥିବା ଧନବଳ, ନିଶାଦରବ୍ ଆର୍ ଉପହାର୍ କେ ରୁକ୍‌ବାର୍ ଲାଗି ପ୍ରବର୍ତନ୍ ସଂସ୍ଥାମାନ୍‌କର୍ ଭୂମିକା ବାବ୍‌ଦେ ଶ୍ରୀ ଧଳ ଆଲୋଚନା କରିଛନ୍ ।

ବୈଠକ୍‌ଥି ଅତିରିକ୍ତ ମୁଖ୍ୟ ନିର୍ବାଚନ୍ ଅଧିକାରୀ ଡକ୍ଟର୍ ଏନ୍. ତିରୁମାଲା ନାୟକଙ୍କର୍ ସହେତେ ଅବକାରୀ ବିଭାଗ୍, ଭାରତୀୟ ରିଜର୍ଭ ବେଙ୍କ୍ ପ୍ରତିନିଧି, ବିମାନ୍‌ବନ୍ଦର କର୍ତୃପକ୍ଷ, ପ୍ରବର୍ତନ୍ ନିର୍ଦ୍ଦେଶାଳୟ, ପରିବହନ୍ ବିଭାଗ୍ ଆର୍

ଆର୍.ପି.ଏଫ୍. ବାଗିର୍ ଭିନ୍ ଭିନ୍ ବିଭାଗର୍ ପ୍ରତିନିଧିମାନେ ଉପସ୍ଥିତ୍ ଥିଲେ ।

ଲୋକସଭା ନାମାଙ୍କନ୍ ପ୍ରତ୍ୟାହାର୍ ପ୍ରକ୍ରିୟା- ୨ ନମ୍ବର୍ ଖେପ୍

ଆର୍ଏନ୍ୟୁ / ସମ୍ବଲପୁର

ଲୋକ୍ସଭା ନିର୍ବାଚନ୍ର ୨ ନମ୍ବର୍ ଖେପ୍ ଲାଗି ଦାଖଲ୍ କରିଥିବା ନାମାଙ୍କନ୍ ପ୍ରତ୍ୟାହାର୍ର ଆଏଜ୍ ଶେଷ୍ ଦିନେ ୬୨ ଝନ୍ ପ୍ରାର୍ଥୀଙ୍କର୍ ପ୍ରାର୍ଥୀପତ୍ର ବୈଧ ରହିଛେ ବଲି ଜନାପଡ଼ିଛେ । ଇ ଖେପେ ୧୨ ଟା ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍ ଆର୍ ଆଉଟର୍ ମଣିପୁର୍ ଆସନ୍ ସହେତେ ୮୮ ଟା ଲୋକ୍ସଭା ଆସନ୍ ଲାଗି ଆଏବା ୨୬ ତାରିଖ୍ ଦିନ ଭୋଟ୍ ହେବା । ଇନ ଜନେଇ ଦିଆଯାଇପାରେ ଯେ, ଇ ଖେପ୍ର ନାମାଙ୍କନ୍ ପତ୍ର ଦାଖଲ୍ ପ୍ରକ୍ରିୟା ଗଲା ଗୁରୁବାର୍ ଦିନ ଶେଷ୍ ହେଇଥିଲା ।

ସୁବିଧା ପୋର୍ଟାଲ୍ ଆର୍ଏନ୍ୟୁ/ କଟକ୍

ନିର୍ବାଚନ୍ ପ୍ରକ୍ରିୟାଥି ମତଦାତା ଆର୍ ପ୍ରାର୍ଥୀମାନ୍କୁ ସହଯୋଗ୍ କର୍ବାର୍କେ ଭାରତ୍ର ନିର୍ବାଚନ୍ ଆୟୋଗ୍ ତର୍ଫୁ ସୁବିଧା ପୋର୍ଟାଲ୍ ଚଲାଯାଇଛେ । ନିର୍ବାଚନ୍ ଆୟୋଗଙ୍କର୍

କାର୍ଯ୍ୟାଲୟନୁ ମିଲିଥିବା ସୂଚ୍ନା ଅନ୍ସାରେ ଗଲା ୨୦ ଦିନ୍ ଭିତ୍ରେ ସୁବିଧା ପୋର୍ଟାଲ୍ଥି ୭୩ ହଜାର୍ନୁ ଅଏତ୍କା ଆବେଦନ୍ କରାଯାଇଛେ । ସେ ଭିତ୍ରୁ ୪୪ ହଜାର୍ ୬ ଶହ ନୁ ଅଏତ୍କା ଆବେଦନ୍କେ ଆୟୋଗ ଅନୁମୋଦନ୍ କରିଛନ୍ । ସୁବିଧା ପୋର୍ଟାଲ୍ଥି ଓଡ଼ିଶାନୁ ୯୨ ଟା ଆବେଦନ୍ କରାଯାଇଛେ । ନିର୍ବାଚନ୍ ପ୍ରଚାର୍ ସମିଆର୍ ଗୁରୁତ୍ୱ ଅନ୍ସାରେ ସୁବିଧା ପୋର୍ଟାଲ୍ ଜରିଆଥି ପ୍ରାଥମିକତା ଭିତି ନ ସଭାସମିତି କର୍ବାର୍, ଅସ୍ଥାୟୀ ଦଲୀୟ କାର୍ଯ୍ୟାଲୟ ଖୁଲ୍ବାର୍, ଦୁଆର୍ ଦୁଆର୍ ଯାଇକରି ପ୍ରଚାର୍ କର୍ବାର ବାଗିର୍ ଭିନ୍ ଭିନ୍ ପ୍ରଚାର୍ କାମ୍ ଲାଗି ଅନୁମତି ଦିଆଯାଏସି ।

ଭିନ୍ନକ୍ଷମ ମତଦାନ କେନ୍ଦ୍ର ଏନଏସଡି

ଆଏବା ଲୋକସଭା ୨୦୨୪ ନିର୍ବାଚନ୍ ଲାଗି ଫି ନିର୍ବାଚନ୍ ମଣ୍ଡଲୀନ ଭିନ୍ନକ୍ଷମ ଲୁକକର୍ ଲାଗି ଖାସ୍ ମତଦାନ କେନ୍ଦ୍ର ରହେବାର ଜରୁରୀ ଆଏ ଆଉ ଦରକାର ମୁତାବିକ୍ ଅଏତ୍କା ଭିନ୍ନକ୍ଷମ ନିୟନ୍ତ୍ରୀତ ମତଦାନ କେନ୍ଦ୍ର ଖୁଲାଯିବା ବଲି କେନ୍ଦ୍ରୀୟ ନିର୍ବାଚନ୍ ଆୟୋଗ୍ ଜୋର୍ ଦେଇଛନ୍ । ଯେନ୍ମାନକର୍ ଅକ୍ଷମତା ହାର୍ ୪୦ ପ୍ରତିଶତନୁ ଅଏତକା ଥିବା ସେମାନକର୍ ଲାଗି ଡାକଘର ଜରିଏ 'ଘରୁ ଭୋଟ୍'ର

ଭିଲ୍ ସୁବିଧା ରହେବା ବଲି ନିର୍ବାଚନ ଆୟୋଗ ତରଫ୍ରୁ କୁହାଯାଇଛେ ।

ନିର୍ବାଚନ୍- ବଦ୍‌ଲି ପ୍ରେସ୍ ରିଲିଜ୍/ ଇସିଆଇ

ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଅନ୍‌ସାରେ ରାଜ୍ୟର୍ ୨ ଝନ୍ ଭାରତୀୟ ପୁଲିସ ସେବା ଅଧିକାରୀଙ୍କୁ ବଦ୍‌ଲି କରାଯାଇକରି ନୂଆ ଜାଗା ନ ଅବସ୍ଥାପିତ କରାଯାଇଛେ । ସୂଚ୍‌ନା ଅନ୍‌ସାରେ ଆଇପିଏସ୍ ଡକ୍ଟର୍ ସାର୍ଥକ୍ ଷଡ଼ଙ୍ଗୀଙ୍କୁ ବ୍ରହ୍ମପୁର୍ ଏସ୍.ପି. ଆର୍ ଆଇପିଏସ୍ ଅବିନାଶ କୁମାର୍ ଙ୍କୁ ଖୋର୍ଦ୍ଧା ଏସ୍.ପି. ଭାବେ ଦାୟିତ୍ୱ ଦିଆଯାଇଛେ । ଇ ବାବ୍‌ଦେ ନିର୍ବାଚନ୍ ଆୟୋଗଙ୍କର୍ ତର୍‌ପୁ ସୂଚନା ମିଲିଛେ ।

ବିଦ୍ୟୁତ୍ ସେବା କେନ୍ଦ୍ର ଥାପ୍‌ନା ଟି.ପି.ଡବ୍ଲୁ.ଓ.ଡି.ଏଲ୍

ବିଜ୍‌ଲି ଭିତିଭୂମିକେ ବର୍‌କସ୍ କର୍‌ବାର୍ ସହେତେ ଉପଭୋକ୍ତାମାନ୍‌କୁ ଠିକ୍ ସେବା ଦେବାର୍ ଲାଗି ପଶ୍ଚିମ ଓଡ଼ିଶାର୍ ୯ ଟା ଜିଲ୍ଲା ନ ୯ ଶହ ଟା ବିଦ୍ୟୁତ୍ ସେବାକେନ୍ଦ୍ର ଥାପ୍‌ନା କରାଯିବା ବଲି ବିଦ୍ୟୁତ୍ ବିତରଣ୍ କମ୍ପାନୀ ଟି.ପି.ଡବ୍ଲୁ.ଓ.ଡି.ଏଲ୍ ସୂଚ୍‌ନା ଦେଇଛେ । ଇ ସେବା କେନ୍ଦ୍ରମାନ୍‌କେ ଚଲାବାର୍ ଲାଗି ବିତରଣ କମ୍ପାନୀ ତର୍‌ଫ୍ରୁ

କର୍ମଚାରୀ ମାନ୍‌କୁ ନିୟୋଜିତ କରାଯିବା । ସେବାକେନ୍ଦ୍ରମାନ୍‌କେ ହଟ୍‌ଲାଇନ୍ ଫୋନ୍ ସେବା ଜରିଏ ଗ୍ରାହକ୍‌ମାନେ ବିଜ୍‌ଲି ବାବଦ୍ ସମସ୍ୟା ସମାଧାନ୍ ଲାଗି ଅଭିଯୋଗ୍ କରିପାର୍‌ବେ ବଲି କମ୍ପାନୀର୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗଜାନନ କାଲେ କହିଛନ୍ ।

ସକାଲୁଆ କୋର୍ଟ ଆର୍‌ଏନ୍‌ୟୁ/ କଟକ୍/ ସମ୍ବଲପୁର୍

ସମ୍ବାଦଦାତା

ରାଜ୍ୟର୍ ସବୁ ଜିଲ୍ଲାସ୍ତରୀୟ ଆଉ ନିମ୍ନ ଅଦାଲତ୍ ମାନ୍‌କେ ଆଏଜ୍‌ଠାନୁ ସକାଲ୍‌ବେଲା କାମ୍ ମୁଲ୍ ହେଇଛେ । ବ୍ରହ୍ମପୁର୍, ଛତ୍ରପୁର, ଭୁବ୍‌ନେଶ୍ୱର୍, କୋରାପୁଟ୍ ସଦର୍ ଆର୍ ପୁରୀ ସଦର୍‌ର କୋର୍ଟମାନ୍ ସଖାଲର୍ ସାଢ଼େ ୭ ବଜେନୁ ମଏଧାନର୍ ୧ ବଜେତକ୍ ଚାଲିଥିଲା । ସେନ୍ତା ରାଜ୍ୟର୍ ବାକି ସବୁ କୋର୍ଟ ନ ସଖାଲର୍ ସାଢ଼େ ୭ ନୁ ମଏଧାନର୍ ସାଢ଼େ ୧୨ ବଜାତକ୍ କାମ୍ ହେଇଛେ । ସଖାଲର୍ ୧୦ ବଜେ ଅଧାଘଂଟିଆ ବିରତି ରହେବା ବଲି ଓଡ଼ିଶା ହାଇକୋର୍ଟ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ସେଆଡ଼େ ସମ୍ବଲ୍‌ପୁର୍‌ର ସବୁ କୋର୍ଟ ଆଏବା ୧୦ ତାରିଖ୍‌ନୁ ଜୁନ୍ ମାସର୍ ୧୫ ତାରିଖ୍‌ତକ୍ ସଖାଲର୍ ୭ ବଜେନୁ ୧ ବଜେତକ୍ ଚାଲ୍‌ବା ବଲି ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଲୟନୁ ସୂଚ୍‌ନା ମିଲିଛେ ।

ଆଇଏଏସ୍- ଶିକ୍ଷାନବିଶ      ସୂଚନା ଓ ଲୋକସମ୍ପର୍କ ବିଭାଗ୍

ଭାରତୀୟ ପ୍ରଶାସନିକ ସେବାର ୬ ଝନ୍ ଶିକ୍ଷାନବିଶ ଆଏଜ୍ ସାମାଜିକ ସୁରକ୍ଷା ଆର୍ ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ୍ ପରିଦର୍ଶନ୍ କରିଛନ୍ । ବିଭାଗ୍‌ର ପ୍ରମୁଖ ଶାସନ୍ ସଚିବ ବିଷ୍ଣୁପଦ ସେଠୀ ଆର୍ ଅଲ୍‌ଗା ବରିଷ୍ଠ ଅଧିକାରୀଙ୍କର୍ ସହେତେ ଇ ଶିକ୍ଷାନବିଶ ମାନେ ଭିନ୍ ଭିନ୍ ବିଷେ ଉପରେ ଆଲୋଚନା କରିଥିଲେ । ଇତାର୍‌ସହେତେ ଦୃଶ୍ୟଶ୍ରାବ୍ୟ ଉପସ୍ଥାପନା ଜରିଆଥି ଶିକ୍ଷାନବିଶମାନ୍‌କୁ ବିଭାଗ୍‌ର ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ଉପ୍‌ରେ ବୁଝାଯାଇଥିଲା । ବିଭାଗ୍ ତର୍‌ଫୁ ପରିଚାଲିତ୍ ଭିନ୍ ଭିନ୍ ଯୋଜ୍‌ନା ଆଉ କାର୍ଯ୍ୟାବଳୀ ଉପ୍‌ରେ ସେମାନ୍‌କୁ ସୂଚ୍‌ନା ଦିଆଯାଇଥିଲା । ଇତାର୍‌ଉତ୍‌ରୁ ଶିକ୍ଷାନବିଶମାନେ ରାଜ୍ୟ ଭିନ୍ନକ୍ଷମ ସଶକ୍ତିକରଣ୍ ପ୍ରତିଷ୍ଠାନ, ରାଜ୍ୟ ସ୍ୱତନ୍ତ୍ର ଶିକ୍ଷା ଆଉ ଗବେଷଣା ପ୍ରତିଷ୍ଠାନ୍ ଆର୍ ରାଜ୍ୟ ଭିନ୍ନକ୍ଷମ ପୁନର୍ବାସ ପ୍ରତିଷ୍ଠାନ୍ ବୁଲି ଦେଖିଥିଲେ ।

ଜଙ୍ଗଲ୍ ନିଆଁ      ଆର୍‌ଏନ୍‌ୟୁ / କଟକ୍

ରାଏଜର୍ ଜଙ୍ଗଲ୍ ମାନ୍‌କେ ଆଏଜ୍‌ତକ୍ ୮ ହଜାର୍ ଜାଗା ନ ଜଙ୍ଗଲ୍ ନିଆଁ ଲାଗିଛେ ବଲି ପ୍ରଧାନ୍ ମୁଖ୍ୟ ବନସଂରକ୍ଷକ-ପିସିସିଏଫ୍ ଦେବିଦତ ବିଶ୍ୱାଲ୍ କହିଛନ୍ । ଗଣମାଧ୍ୟମ୍‌କେ ସୂଚ୍‌ନା

ଦେଇକରି ଶ୍ରୀ ବିଶ୍ୱାଲ୍ କହିଛନ୍ ଯେ, ପାଖାପାଖି ୯୯ ଦଶ୍ମିକ୍ ୫ ପ୍ରତିଶତ୍ ନିଆଁକେ ଆଏତ୍ କରାଯାଇଛେ । ନିଆଁ ଲିଭା କାମେ ୩ ଶହ ୬୭ ଟା ସ୍କ୍ୱାଡ୍ ଲାଗିଛନ୍ । ଗଲାବଛର୍ ଇସମିଆତକ୍ ୨୭ ହଜାର୍ ଜାଗା ନ ଜଙ୍ଗଲ୍ ନିଆଁ ଲାଗିଥିଲା ବଲି ପିସିସିଏଫ୍ କହିଛନ୍ । କାଲ୍‌ବୈଶାଖୀର୍ ପ୍ରଭାବ୍  ନୁ ହେଉଥିବା ବର୍ଷା ଆର୍ ଜଙ୍ଗଲ୍ ବିଭାଗ୍ ତର୍‌ଫୁ ନିଆଯାଉଥିବା ପଦକ୍ଷେପ୍ ଲାଗି ଜଙ୍ଗଲ୍ ନିଆଁକେ ରୁକାଯାଇପାରିଛେ । ଭବାନୀପାଟ୍‌ନା, କୋରାପୁଟ୍ ଆର୍ ବ୍ରହ୍ମପୁର୍ ବନଖଣ୍ଡ ଅଂଚଲ୍ ନ ଗଲାକାଏଲ୍ ୨ ଶହ ୫୬ ଟା ଜାଗା ନ ଜଙ୍ଗଲ୍ ନିଆଁ ଚିହ୍ନଟ୍ କରାଯାଇଥିଲା ।

ଫରେଷ୍ଟ୍ ସର୍ଭେ ଅଫ୍ ଇଣ୍ଡିଆର୍ ତଥ୍ୟ ଅନ୍‌ସାରେ ଗଲାକାଏଲ୍ ଦିନର୍ ଦେଢ୍ ବଜେତକ୍ ରାଜ୍ୟର୍ ୨ ଶହ ୮୪ ଟା ଜାଗା ନ ଜଙ୍ଗଲ୍ ନିଆଁ ଲାଗିଥିଲା । ମାଲ୍‌କାନ୍‌ଗିରି ଆଉ କୋରାପୁଟ୍ ଜିଲ୍ଲା ନ ଶହେ ୫୦ ନୁ ଅଏତ୍‌କା ଜାଗା ନ ଜଙ୍ଗଲ୍ ନିଆଁ ଚିହ୍ନଟ୍ ହେଇଥିଲା । ଇନ ଜନେଇ ଦିଆଯାଇପାରେ ଯେ, ଗଲା ମାର୍ଚ୍ଚ ମାସେ ଦେଶର୍ ୫୮ ହଜାର୍ ୮ ଶହ ନୁ ଅଏତ୍‌କା ଜାଗାର୍ ଜଙ୍ଗଲ୍ ମାନ୍‌କେ ନିଆଁ ଲାଗିଥିବାର୍ ବେଲେ ଚଲ୍‌ତି ମାସର୍ ଗଲାକାଏଲ୍‌ତକ୍ ୨୨ ହଜାର୍ ୬ ଶହ ଟା ଜାଗାର୍ ଜଙ୍ଗଲ୍‌ମାନ୍‌କେ ନିଆଁ ଲାଗିଛେ ବଲି ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆର ତଥ୍ୟନୁ ଜନାପଡ଼ିଛେ ।

ସୂର୍ଯ୍ୟପରାଗ ଆର୍‌ଏନ୍‌ୟୁ/ସମ୍ବଲ୍‌ପୁର୍

ଇ ବଛରର୍ ପହେଲା ସୂର୍ଯ୍ୟପରାଗ୍ ଆଏଜ୍ ଦେଖ୍‌ବାର୍‌କେ ମିଲ୍‌ବା । ଇଟା ପୂର୍ଣ୍ଣଗ୍ରାସ ସୂର୍ଯ୍ୟପରାଗ ହେଇଥିବାର୍‌ନୁ ଇ ସୂର୍ଯ୍ୟପରାଗ୍ ଖୋବ୍ ସୁନ୍ଦର୍ ଆର୍ ବିରଲ୍ ହେବା ବଲି ଜ୍ୟୋର୍ତିବିଜ୍ଞାନୀମାନେ ମତ ରଖ୍‌ଛନ୍ । ଯୁକ୍ତରାଷ୍ଟ୍ର ଆମେରିକା, କାନାଡ଼ା ଆର୍ ମେକ୍ସିକୋର କେତେଟା ଇଲାକା ନ ଇ ସୂର୍ଯ୍ୟପରାଗ ଦେଖାଯିବା । ଭାରତୀୟ ସମିଆ ଅନ୍‌ସାରେ ସୂର୍ଯ୍ୟପରାଗ୍ ଆଏଜ୍ ରାତିର୍ ୯ ବାଜିକରି ୧୨ ମିନିଟ୍‌ଥି ମୁଲ୍ ହେବା ଆର୍ ରାତିର୍ ୨ ବାଜିକରି ୨୨ ମିନିଟ୍‌ଥି ମୋକ୍ଷ ହେବା ବଲି ଜ୍ୟୋର୍ତିବିଜ୍ଞାନୀ ଡକ୍ଟର୍ ଶୁଭେନ୍ଦୁ ପଟ୍ଟନାୟକ୍ କହିଛନ୍ । ହେଲେ ଭାରତ୍ ନ ସୂର୍ଯ୍ୟପରାଗ୍‌ର କେନ୍‌ସି ପ୍ରଭାବ୍ ନାଇଁ ପଡ଼େ ବଲି ସେ କହିଛନ୍ ।

ଡକ୍ଟର୍ ମନୋଜ୍ ପଣ୍ଡା-ଜାତୀୟ ଅର୍ଥ କମିଶନ୍ ସଦସ୍ୟ

ଆର୍‌ଏନ୍‌ୟୁ/ କଟକ୍

କଲାହାଣ୍ଡି ଜିଲ୍ଲା ଜୁନାଗଡ଼୍ ବ୍ଲକ୍ ମାଲିଗୁଡ଼ା ଗାଁର୍ ଡକ୍ଟର୍ ମନୋଜ୍ ପଣ୍ଡାଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୧୬ ନମ୍ବର୍ ଜାତୀୟ ଅର୍ଥ କମିଶନ୍‌ର ପୂର୍ଣ୍ଣକାଲୀନ ସଦସ୍ୟ ଭାବେ ନିଯୁକ୍ତି ଦେଇଛନ୍ । ଡକ୍ଟର୍ ପଣ୍ଡା ଇତାର୍ ଆଘୋନୁ ଇନ୍ଦିରାଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇକୋନୋମିକ୍ସ୍‌ଥି ପ୍ରଫେସର୍ ଆର୍ ନୂଆଦିଲ୍ଲୀ

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇକୋନୋମିକ୍ ଗ୍ରୋଥ୍‌ର ନିର୍ଦ୍ଦେଶକ୍ ଭାବେ କାମ୍ କରିଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ କଟକ

କାଲ୍‌ବେଶାଖୀର୍ ପ୍ରଭାବ୍‌ଥି ଆଏଜ୍ ପଶ୍ଚିମ ଓଡ଼ିଶାର୍ ସମ୍ବଲ୍‌ପୁର୍, ବଲାଙ୍ଗିର୍, ସୁବର୍ଣ୍ଣପୁର୍, ବୌଦ୍ଧ ଆର୍ ନୂଆପଡ଼ା ସହେତେ ରାଜ୍ୟର୍ ୧୨ଟା ଜିଲ୍ଲା ନ ବର୍ଷା ହେଇଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ କେତେଟା ଇଲାକା ନ ଘଡ଼୍‌ଘଡ଼ି ଆର୍ ବିଜ୍‌ଲି ମାରିକରି ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ କରାଯାଇଛେ ।

ଆନ୍ତର୍ଜାତୀୟ ସମ୍ମିଳନୀ- ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଲୟ

ସୂଚନା ଓ ଲୋକସମ୍ପର୍କ ବିଭାଗ୍

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଲୟ- କୋରାପୁଟ୍‌ର ସଂସ୍କୃତି ବିଭାଗ୍ ତର୍‌ଫୁ ଆଏଜ୍‌ଠାନୁ ୩ ଦିନିଆ ଆନ୍ତର୍ଜାତୀୟ ସମ୍ମିଳନୀ ମୁଲ୍ ହେଇଛେ । ସମ୍ମିଳନୀକେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଲୟର୍ କୁଳପତି ପ୍ରଫେସର୍ ଚକ୍ରଧର୍ ତ୍ରିପାଠୀ ଉଦ୍‌ଘାଟନ୍ କରିଥିଲେ । ଇ ଅବ୍‌ସରେ ବିଜ୍ଞାନ୍ ଆଉ

ପ୍ରଯୁକ୍ତିବିଦ୍ୟାର୍ ବିକାଶ୍ ଦିଗେ ସଂସ୍କୃତ୍ ଭାଷାର୍ ବିକାଶ୍ ବାବ୍‌ଦେ ଜୋର୍ ଦିଆଯାଇଥିଲା । ଇ ଅବ୍‌ସରେ ବୃକ୍ଷରୋପଣ କାର୍ଯ୍ୟକ୍ରମ୍ ଆର୍ ମଡ଼ିଆ ଖାଦ୍ୟ ପ୍ରଦର୍ଶନୀର୍ ଆୟୋଜନ୍ କରାଯାଇଥିଲା ।